# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୨୮ (ଓଡ଼ିଆ ବୁଲେଟିନ୍) ସପ୍ତାହ -୧୪ ତାରିଖ:୦୫.୦୪.୨୦୨୪

## ସୋନପୁର

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହର ମଧ୍ୟ ଭାଗରେ କିମ୍ବା ଗୋଟେ ଦିନ ପରେ ବିଜୁଳି ଘଡ଼ଘଡ଼ି ସହିତ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ରୁ ସାଧାରଣତଃ କିମ୍ବା ସମ୍ପୂର୍ଣ ମେଘାଛନ୍ନ ରହିପାରେ। ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୭ ରୁ ୪୧ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୨୪ ରୁ ୨୭ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୧୯% ରୁ ୬୯% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୯% ରୁ ୩୫% ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୬ ରୁ ୧୨ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି।

| ତାରିଖ | 06-04-2024 | 07-04-2024 | 08-04-2024 | 09-04-2024 | 10-04-2024 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 15 | 10 | 0 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 41 | 40 | 38 | 37 | 37 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 27 | 27 | 25 | 24 | 24 |
| ସମ୍ପୂର୍ଣ ମେଘ ଆବରଣ (ଓକଟା) | 2 | 2 | 7 | 2 | 4 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 19 | 19 | 38 | 69 | 50 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 9 | 8 | 12 | 35 | 32 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 11 | 8 | 12 | 11 | 6 |
| ପବନ ଦିଗ (ଡିଗ୍ରୀ) | 283 | 292 | 202 | 214 | 162 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ସାଧାରଣଉପଦେଶ

- ତାପମାତ୍ରା ଓ ଝାଞ୍ଜି ପବନର ପ୍ରଚଳିତ ସ୍ଥିତି ଆଗକୁ ଆହୁରି ଗୋଟେ କିମ୍ବା ଦି ଦିନ ଯାଏଁ ରହିବାର ସମଭାବନ ଅଛି ତେଣୁ ଚାଷୀ ଭାଇମାନଙ୍କୁ ତଦନୁଯାୟୀ ନିଜି କାର୍ଯ୍ୟ ତଥା କୃଷି କାର୍ଯ୍ୟରେ ସାବଧାନତା ଅବଲମ୍ବନ କରି କାମ କରିବାକୁ ପରାମର୍ଶ ଦିଆଯାଇଛି । କ୍ଷେତରେ ଥିବା ଫସଲରେ ଆବଶ୍ୟକତା ଅନୁଯାଇ ନିୟମିତ ଜଳସେଚନର ପ୍ରବନ୍ଧ କରନ୍ତୁ, ଜଳସେଚନ କାର୍ଯ୍ୟ ସକାଳ କିମ୍ବା ସନ୍ଧ୍ୟା ସମୟରେ ହିଁ କରନ୍ତୁ , ସିଞ୍ଚନ ପ୍ରଣାଳୀରେ ଜଳସେଚନ ଅଧିକ ଲାଭପ୍ରଦ ହୋଇଥାଏ । ତାପମାତ୍ରାର ପ୍ରଚଳିତ ସ୍ଥିତିକୁ ଧ୍ୟାନରେ ରଖି ଫଳ ଓ ପନିପରିବା କ୍ଷେତରେ ପଲିଥିନ , ପୁଆଳ କିମ୍ବା ଅନ୍ୟ ଫସଲ ଅବଶେଷକୁ ଆବରଣ ଭାବରେ ପ୍ରୟୋଗ କରିପାରିବେ କାରଣ ଏହା ଦ୍ୱାରା ମାଟିର ଆର୍ଦ୍ରତା ସହିତ ତାପମାତ୍ରା ମଧ୍ୟ ନିୟନ୍ତ୍ରଣ ରହିଥାଏ । ପଶୁମାନଙ୍କୁ ଝାଞ୍ଜି ଖରାରୁ ବଂଚାଇବା ପାଇଁ ଛାଇଁରେ ରଖିବାର ବ୍ୟବସ୍ଥା କରନ୍ତୁ ଏବଂ ଦିପହର ସମୟରେ କାମ କରାନ୍ତୁ ନାହିଁ ।
- ଆସନ୍ତା ସପ୍ତାହର ମଧ୍ୟ ଭାଗରେ କିମ୍ବା ଗୋଟେ ଦିନ ପରେ ବିଜୁଳି ଘଡ଼ଘଡ଼ି ଓ ତୀବ୍ର ଗତିରେ ପବନ ବହିବା ସହିତ ସ୍ୱଳ୍ପ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ତେଣୁ ଚାଷୀ ଭାଇମାନଙ୍କୁ କ୍ଷେତରେ ଔଷଧର ପ୍ରୟୋଗ କାର୍ଯ୍ୟକୁ ଏହି ଦୁଇ ଦିନ ମଧ୍ୟରେ କରିବାକୁ ଏବଂ ଅତି ଜରୁରୀ ନ ଥିଲେ ଜଳସେଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ମୁଗ(ଖରା ଦିନିଆ) | ଫୁଲ ଓ ଫଳ ଧରିବା ଅବସ୍ଥା | ଆଗକୁ ବର୍ଷା ହେବାର ସମ୍ଭାବନା ରହିଅଛି ତେଣୁ କ୍ଷେତରେ ଅତି ଜରୁରୀ ନ ଥିଲେ ଜଳସେଚନ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ । ମୁଗ କ୍ଷେତରେ ଜଉ ପୋକ ଲାଗିବାର ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ଼ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ଏବଂ ସାହେବୀ ରୋଗର ଲକ୍ଷଣ |

| | | |
|---|---|---|
| | | ଯାହାକି ଧଳା ମାଛି ଦ୍ବାରା ବ୍ୟାପିଥାଏ ତେଣୁ ଧଳା ମାଛିର ନିୟନ୍ତ୍ରଣ ପାଇଁ ପ୍ରତି ଏକର ପିଛା ୪୦ ଗ୍ରାମ ଏସିଟାମିପ୍ରିଡକୁ ୨୦୦ ରୁ ୨୫୦ ଲିଟର ପାଣିରେ ମିଶାଇ ଦୁଇ ଦିନ ଭିତରେ ଶୁଷ୍କ ପାଗକୁ ଦେଖି ଖେତରେ ପ୍ରୟୋଗ କରନ୍ତୁ । |
| ମକା | ବନସ୍ପତି ବିକାସ | ମକା ଗଛରେ ସାରର ପ୍ରୟୋଗ କାର୍ଯ୍ୟ ମାଟିରେ ଥିବା ଉପଯୁକ୍ତ ଆର୍ଦ୍ରତାକୁ ଦେଖି କରନ୍ତୁ ଏବଂ ଆବଶ୍ୟକତା ଅନୁସାରେ ଜଳସେଚନ କରନ୍ତୁ । ମକା ଗଛରେ କାଣ୍ଡ ବିନ୍ଧା ପୋକ ର ନିୟନିନ୍ତ୍ରଣ ପାଇଁ ଫିପ୍ରୋନିଲ ୫% ଏସ.ସି. କିମ୍ବା ପ୍ରୋପେନୋଫସ ୫୦% ଇ.ସି. @ ୨ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ଏବଂ ଫଲ ଆର୍ମି ୱର୍ମ କୀଟର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୦.୪ ଗ୍ରା. ଇମାମେକଟିନ୍ବିନ ବେନଜୋଏଟ୍ କୁ ମିଶାଇ ଶୁଷ୍କ ପାଗ କ୍ଷେତରେ ସିଞ୍ଚନ କରନ୍ତୁ । |
| ଆମ୍ବ | ଫଳ ଅବସ୍ଥା | ଆମ୍ବ ଗଛରେ ଆମ୍ବ ହପରକୁ ନିୟନ୍ତ୍ରଣ କରିବା ପାଇଁ ୧ ଗ୍ରାମ୍ ଏସିଫେଟ କିମ୍ବା ୦.୫ ମିଲି କ୍ଲୋରୋପାଇରିଫସ୍ କିମ୍ବା ୦.୩ ରୁ ୦.୪ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଏବଂ ଧଳା ପାଉଡରର ସ୍ତର ଲାଗି ରହିଲା ପରି ରୋଗର ଲକ୍ଷଣ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୨ ଗ୍ରାମ ଦ୍ରବୀଭୂତ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇ ଆକାଶ ସଫା ଥିବା ସମୟରେ ଗଛରେ ପ୍ରୟୋଗ କରନ୍ତୁ । ଆମ୍ବ ଗଛରେ ଯଦି ଫଳ ମଟର ଦାନା ଆକାରର ହୋଇଯାଇଛି ସେଥିରେ ଫଳ ଝଡିବା କମ କରିବା ପାଇଁ ପ୍ଲାନୋଫିକ୍ସ @ ୧ ମିଲି ପ୍ରତି ୪.୫ ଲିଟର ପାଣି ହିସାବରେ ପ୍ରୟୋଗ କରିପାରିବେ । ହରମୋନ ଏବଂ କୀଟମରା ଔଷଧର ପ୍ରୟୋଗ ଏକା ସମୟରେ କରନ୍ତୁ ନାହିଁ ଓ ଏହାର ସିଞ୍ଚନରେ ଗୋଟେ ସପ୍ତାହର ବ୍ୟବଧାନ ରଖନ୍ତୁ । ଖରାଦିନରେ ଆମ୍ବ ଗଛରେ ଆବଶ୍ୟକତା ଅନୁଯାୟୀ ଗୋଟେ ସପ୍ତାହ ଅନ୍ତରାଳରେ ଜଳସେଚନ କରିବାକୁ ପରାମର୍ଶ ଦିଆଯାଇଅଛି । |
| ପନିପରିବା | ବନସ୍ପତି ବିକାସ, ଫୁଲ ଓ ଫଳ ଅବସ୍ଥା | ଆସନ୍ତା ଦିନଗୁଡ଼ିକରେ ପନିପରିବା ଫସଲକୁ ଝାଞ୍ଜିରୁ ରକ୍ଷା କରିବା ପାଇଁ ନିୟମିତ ସକାଳ କିମ୍ବା ସନ୍ଧ୍ୟା ସମୟରେ ସିଞ୍ଚନ ପ୍ରଣାଳୀରେ ଜଳସେଚନ କରିବାକୁ ଉପଦେଶ ଦିଆଯାଉଛି । ଆଗକୁ ବର୍ଷା ହେବାର ସମଭାବନ କୁ ଧ୍ୟାନରେ ରଖୀ ଜଳସେଚନ କାର୍ଯ୍ୟରେ ସାବଧାନତା ଅବଲମ୍ବନ କରନ୍ତୁ । ଯଦି ବାଇଗଣ, ଭେଣ୍ଡି ଏବଂ ଟମାଟର ଗଛରେ ପତ୍ରଖିଆ ସମ୍ବାଲୁଆ ଏବଂ କାଣ୍ଡ ଓ ଫଲବିନ୍ଧା ପୋକର ଆକ୍ରମଣ ଦେଖାଯାଏ ତାହେଲେ ୦.୪ ଗ୍ରାମ ଇମାମେକଟିନ୍ ବେନଯୋଏଡ଼କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ । ଟମାଟୋର ବନସ୍ପତି ବିକାସ ପର୍ଯ୍ୟାୟରେ, କୃଷକଙ୍କ କ୍ଷେତରେ ଯଦି ଲିଫ ମାଇନର ଏବଂ ଧଳା ମାଛିର ଆକ୍ରମଣ ଦେଖାଯାଏ ତା'ହେଲେ ଏହାର ନିୟନ୍ତ୍ରଣ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ NSKE ୫ % କୁ ଷ୍ଟିକର ସହିତ ମିଶାଇ ପ୍ରୟୋଗ କରନ୍ତୁ । ନାଇଟ୍ରୋଜେନ୍ ସାରର ଅଧିକ ବ୍ୟବହାର ହେତୁ ଲିଫ ମାଇନର ପୋକର ଜନସଂଖ୍ୟା ବୃଦ୍ଧି ପାଇପାରେ ତେଣୁ ଏହାର ସଠିକ ବ୍ୟବହାର କରାଯିବା ଉଚିତ । ପିଆଜ ଗଛ ରେ ବାଇଗଣି ଦାଗ କିମ୍ବା ପର୍ପଲ ବ୍ଲୋଟ୍ଚ ର ନିୟନ୍ତ୍ରଣ ପାଇଁ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ ୨୫% @ ୦.୪ ଗ୍ରାମ କୁ ପ୍ରତି ଲିଟର ପାଣି ସହିତ ମିଶାଇ ସିଞ୍ଚନ କରନ୍ତୁ । ଉକୁଣିଆ ପୋକର ପ୍ରକୋପରୁ ଗଛକୁ ରକ୍ଷା କରିବା ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ଼ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମ କୁ ପ୍ରତି ଲିଟର ପାଣି କିମ୍ବା ୧ ଗ୍ରାମ ଏସିଟାମିପ୍ରିଡ ୨୦ ପ୍ରତିଶତ ଇ.ସି. କୁ ୪ ଲିଟର ପାଣିରେ ମିଶାଇ ଗଛରେ ପ୍ରୟୋଗ କରନ୍ତୁ। |
| ଗାଈଓ ମଇଷି | ପଶୁମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ତାଙ୍କୁ ନିୟମିତ ତାଜା ସ୍ବଚ୍ଛ ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରନ୍ତୁ ଏବଂ ଆଗକୁ ଝାଞ୍ଜି ପବନ ବହିବାର ସମ୍ଭାବନା ଅଛି ତେଣୁ ଜଳର ପରିମାଣ ବଢାଇବା ସହିତ ସେମାନଙ୍କୁ ସବୁଜ ଘାସ, ପୁଷ୍ଟିସାର-ଚର୍ବି ଜାତୀୟ ଖାଦ୍ୟ, ମିଶ୍ରିତ ଖଣିଜ ଲବଣ ଏବଂ ଲୁଣ ଖାଇବାକୁ ଦିଅନ୍ତୁ । ସେମାନଙ୍କୁ ଛାଇ ରେ ରଖନ୍ତୁ ଓ ସକାଳ ୧୧ ଟା ରୁ ସନ୍ଧ୍ୟା ୪ ଟା ମଧ୍ୟରେ ଚରାଇବାକୁ ବାହାରକୁ ଛାଡନ୍ତୁ ନାହିଁ । ଗୁହାଳର ତଳପଟରେ ପୁଆଲ କିମ୍ବା ଧଳା ପେଣ୍ଟ କିମ୍ବା ପ୍ଲାଷ୍ଟରର ବ୍ୟବସ୍ଥା କରନ୍ତୁ କାରଣ ଏହା ଦ୍ବା ରା ତାପମାତ୍ରା ନିୟନ୍ତ୍ରଣ ହୋଇଥାଏ । ପଶୁମାନଙ୍କୁ ଜଳ ଦ୍ୱାରା ପାଇପ ସାହାଯ୍ୟରେ ଗାଧାନ୍ତୁ କିମ୍ବା ଜଳ ଭଣ୍ଡାର ଯେପରିକି ପୋଖରୀ ଇତ୍ୟାଦିରେ କିଛି ସମୟ ପାଇଁ ଛାଡି ଦିଅନ୍ତୁ ଯେପରିକି ସେମାଙ୍କ ଶରୀରର ତାପମାତ୍ରା କମିଯିବ । | |


| | |
|---|---|
| **Ms. JubuliSahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. SanjuktaMohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ , **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।

- ଭାରତ ପାଣିପାଗ ବିଭାଗ ର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ର ବ୍ୟବହାର କରିପାରିବେ।